## ସମନ୍ୱିତ ମହିଳା ଓ ଶିଶୁ ବିକାଶ ପ୍ରକଳ୍ପ କାର୍ଯ୍ୟାଳୟ, ବରଗଡ଼ (ଗ୍ରାମାଞ୍ଚଳ)

**ଜିଲ୍ଲା - ବରଗଡ଼**

**ବିଜ୍ଞାପନ ସଂଖ୍ୟା:** ୫୨୮ **/ ତାରିଖ:** ୦୧.୦୮.୨୦୨୫

ଏତଦ୍ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ସରକାର ଙ୍କ ନୂତନ ଆଦେଶନାମା ନଂ WCD-ICDS-G-MISC-0033-2022 4970 WCD Date-15.03.2023 ଅନୁଯାୟୀ ଶିଶୁ ବିକାଶ ପ୍ରକଳ୍ପ କାର୍ଯ୍ୟାଳୟ, ବରଗଡ଼ (ଗ୍ରାମାଞ୍ଚଳ) ଅଧୀନରେ ଖାଲିଥିବା ଅଙ୍ଗନବାଡ଼ି ସହାୟିକା ପଦ ପୂରଣ ନିମନ୍ତେ ଇଚ୍ଛୁକ ମହିଳା ପ୍ରାର୍ଥିନୀ ମାନଙ୍କ ଠାରୁ ଦରଖାସ୍ତ ଆହ୍ବାନ କରାଯାଉଅଛି । ନିମ୍ନରେ ଦିଆଯାଇଥିବା ସେବା ପରିସର ଅଞ୍ଚଳ ଘର ତାଲିକାଭୁକ୍ତ ଇଚ୍ଛୁକ ମହିଳା ପ୍ରାର୍ଥିନୀ ମାନେ ତାରିଖ ୦୨ .୦୮.୨୦୨୬ ଠାରୁ ତାରିଖ ୧୬ .୦୮ .୨୦୨୬ ସୁଦ୍ଧା <u>online website: http://engagement-awc.odisha.gov.in</u> ମାଧ୍ୟମରେ ଆବେଦନ ଦାଖଲ କରିପାରିବେ ।

| କ୍ରମିକ ନଂ | ଗ୍ରାମପଞ୍ଚାୟତ ର ନାମ | ଅଙ୍ଗନବାଡ଼ି ସହାୟିକା ପଦବୀ ପାଇଁ ଖାଲିଥିବା ଅଙ୍ଗନବାଡ଼ି କେନ୍ଦ୍ର ର ନାମ | ସେକ୍ଟର ର ନାମ | ସେବା ପରିସର ଅଞ୍ଚଳ |
|---|---|---|---|---|
| ୧ | ଗାଇସୀମା | ତଳିପଡା ୧ | ଖଣ୍ଡହଥା | ଘର ନମ୍ବର -୧ ପାର୍ବତୀ ମହାପାତ୍ର ଠାରୁ ଘର ନମ୍ବର ୧୪୨ ଜଗବନ୍ଧୁ ମହାପାତ୍ର |
| ୨ | ଗୋବିନ୍ଦପୁର | ବଗେଇବିରା (P) | ଗୋବିନ୍ଦପୁର | ଘର ନମ୍ବର -୧ ବୁଇ ରାଉତ ଠାରୁ ଘର ନମ୍ବର ୧୩୬ ପିଙ୍କୁ ମଲ୍ଲିକ |
| 3 | ବନ୍ଦା | ତେଲିପଡା, କୁରଲା , | ଜମୁର୍ଡା | ଘର ନମ୍ବର -୧ ଚକ୍ର ସାହୁ ଠାରୁ ଘର ନମ୍ବର -୧୫୯ ଅନନ୍ତ ସେଠ |

<u>ଯୋଗ୍ୟତା :-</u>

(୧) ଇଚ୍ଛୁକ ମହିଳା ପ୍ରାର୍ଥିନୀମାନେ Website: http://engagement-awc.odisha.gov.in ରେ ରେଜିଷ୍ଟ୍ରେସନ କରିବେ ଏବଂ Public login କରି (using Username & Password) ବ୍ୟବହାର କରି ନିର୍ଦ୍ଧାରିତ ତାରିଖ ତଥା ସମୟ ମଧ୍ୟରେ ଆବେଦନ କରିବେ ।

(୨) ପ୍ରାର୍ଥିନୀ ଦରଖାସ୍ତ ଆହ୍ବାନ କରାଯାଉଥିବା କେନ୍ଦ୍ରର ସେବା ପରିସର ଅଞ୍ଚଳର ବାସିନ୍ଦା ହୋଇଥିବେ ଓ ସେ ଅଙ୍ଗନବାଡ଼ି କର୍ମୀଙ୍କ ଦ୍ବାରା ଗ୍ରହଣୀୟ ହୋଇଥିବେ ।

(୩) ପ୍ରାର୍ଥିନୀଙ୍କ ବୟସ ଚଳିତ ବର୍ଷର ପ୍ରଥମ ଦିବସ (୦୧.୦୧.୨୦୨୬) ସୁଦ୍ଧା ୧୮ ବର୍ଷରୁ କମ ଓ ୩୫ ବର୍ଷରୁ ଅଧିକ ହୋଇନଥିବା ଦରକାର।

<u>ଶିକ୍ଷାଗତ ଯୋଗ୍ୟତା :-</u>

(୪) ପ୍ରାର୍ଥିନୀଙ୍କର ଶିକ୍ଷାଗତ ଯୋଗ୍ୟତା ଅନ୍ୟୁନ +୨ ପାସ (12th Standard) ହୋଇଥିବ । ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇନଥିବା ଦରଖାସ୍ତ ବିଚାରକୁ ନିଆଯିବ ନାହିଁ ।

<u>ଭାଷାଗତ ଯୋଗ୍ୟତା :-</u>

(୫) ପ୍ରାର୍ଥିନୀଙ୍କ ଓଡ଼ିଆ ଭାଷାର ଜ୍ଞାନ ଥିବ ଅର୍ଥାତ ଓଡ଼ିଆରେ ସ୍ପଷ୍ଟ ଭାବରେ ଲେଖି ଓ ପଢି ଜାଣିଥିବା ବାଧ୍ୟତାମୂଳକ ଅଟେ।

(୬) ଆବେଦନ ସମୟରେ ପ୍ରାର୍ଥିନୀ ଜାତିଗତ, ଶିକ୍ଷାଗତ ଓ ଆବାସିକ ପ୍ରମାଣ ପତ୍ର( ବିଜ୍ଞାପନ ପ୍ରକାଶର ୬ ମାସ ମଧ୍ୟରେ ହୋଇଥିବା ଆବଶ୍ୟକ ) ଦାଖଲ କରିବା ଆବଶ୍ୟକ ଅଟେ।

(୭) ଅନୁସୂଚିତ ଜାତି / ଜନଜାତି / ସ୍ନାତକ ଶିକ୍ଷାଗତ ଯୋଗ୍ୟତା କିମ୍ବା ତଦୁର୍ଦ୍ଧ ପାସ / ଅନାଥ / ପୃଥକବାସ / ବିଧବା / ପରିତ୍ୟକ୍ତା / ଯଦି ପ୍ରାର୍ଥିନୀ ମାନଙ୍କୁ ସରକାରଙ୍କ ନିୟମ ଅନୁଯାୟୀ ମାର୍କ ଦିଆଯାଇ ଅଗ୍ରାଧିକାର ଭିତ୍ତିରେ ଚୟନ କରାଯିବ ।

(୮) ଏହି ନିଯୁକ୍ତି ରେ ଓଡ଼ିଶା ସରକଙ୍କ ଓ . ଆର . ଭି ଆଇନ ଲାଗୁ ହେବ ନାହି। କିନ୍ତୁ ଯେଉଁ ଗ୍ରାମ ଅନୁସୂଚିତ ଜନ ଜାତି ଏବଂ ଅନୁସୂଚିତ ଜାତି ଅଧିକ ଜନସଂଖ୍ୟା ର ହୋଇଥିବା ସେହିଠାରେ ଉପୋରକ୍ତ ଗୋଷ୍ଠୀ ର ମହିଳା ବଛା ଯାଇ ପରେ।

(୯)ଏହି ନିଯୁକ୍ତି ସମ୍ପୂର୍ଣ୍ଣ ଭାବରେ ଅସ୍ଥାୟୀ ତଥା ଅବୈତନିକ ଅଟେ । ଭବିଷ୍ୟତରେ ପ୍ରାର୍ଥିନୀ କୌଣସି ମତେ ଏହାର ସ୍ଥାୟୀତ୍ବ ତଥା ନିର୍ଦ୍ଦିଷ୍ଟ ବେତନ ଉପରେ ଦାବୀ କରିପାରିବେ ନାହିଁ ।

(୧୦)ପ୍ରାର୍ଥିନୀ ନିଶ୍ଚିତ ଭାବରେ ରୋଷେଇ ଜାଣିଥିବେ ଓ ଅଙ୍ଗନବାଡି କେନ୍ଦ୍ର ର ଶିଶୁ ଙ୍କୁ ରନ୍ଧା ଖାଦ୍ୟ ପରିବେଷଣ କରି ଆଗ୍ରହୀ ଥିବ ସଙ୍ଗେ ସଙ୍ଗେ ସେ ଅଙ୍ଗନବାଡି କେନ୍ଦ୍ର ର ଦୈନନ୍ଦିନ କାର୍ଯକ୍ରମ ଉପରେ ଅଙ୍ଗନବାଡି କର୍ମୀ ଙ୍କୁ ସାହାଯ କରିବା ପାଇଁ ଆଗ୍ରହୀ ଥିବ ଦରକାର।

(୧୧ ) ନିଯୁକ୍ତି ପରେ ପ୍ରାର୍ଥିନୀ ନିର୍ଦ୍ଦେଶିତ ତାଲିମ ନେବାପାଇଁ ବାଧ ଅଟନ୍ତି । ତାଲିମ ନେବା ପାଇଁ ଅନିଚ୍ଛୁକ ପ୍ରାର୍ଥିନୀ ଙ୍କୁ ବହିଷ୍କାର କରାଯିବା ପାଇଁ ସରକାର ଙ୍କ ନିର୍ଦ୍ଦେଶ ରହିଛି ।

(୧୨)ଦରଖାସ୍ତ ଦାଖଲ ସମୟରେ ପ୍ରାର୍ଥିନୀତାଙ୍କର ମାଟ୍ରିକ ଠାରୁ ଆରମ୍ଭ କରି ସମସ୍ତ ଶିକ୍ଷାଗତ ଯୋଗ୍ୟତା ର ମୂଳ ପ୍ରମାଣପତ୍ର, ମାର୍କସିଟର ଉଭୟ ପଟର ପ୍ରମାଣ ପତ୍ର, ଆବାସିକ ଓ ଜାତିଗତ ପ୍ରମାଣ ପତ୍ର ରେ ନିଜର ଦସ୍ତଖତ ସହିତ ଦାଖଲ କରିବେ ।

(୧୩ ) ତାରିଖ ୧୮ .୦୮.୨୦୨୬ ପୂର୍ବାହ୍ନ ୧୧.୦୦ ଘଟିକା ଠାରୁ ଅପରାହ୍ନ ୦୨.୦୦ ଘଟିକା ମଧ୍ୟରେ ପ୍ରାର୍ଥିନୀ ଆବେଦନ କରିଥିବା ସମସ୍ତ ମୂଳ ପ୍ରମାଣପତ୍ର ସହିତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ଙ୍କ କାର୍ଯ୍ୟାଳୟ ବରଗଡ଼ (ଗ୍ରାମାଞ୍ଚଳ) ଠାରେ ସାର୍ଟିଫିକେଟ ଯାଞ୍ଚ ନିମନ୍ତେ ଉପସ୍ଥିତ ରହିବା ହେବେ । ନିର୍ଦ୍ଧାରିତ ଦିବସରେ ମୂଳ ପ୍ରମାଣପତ୍ର ସହିତ ଯାଞ୍ଚ କରେଇ ନପାରିଲେ ଉକ୍ତ ଦରଖାସ୍ତକୁ ବିଚାରକୁ ନିଆଯିବ ନାହିଁ । ସମସ୍ତ ଦରଖାସ୍ତଗୁଡିକୁ ମୂଳ ପ୍ରମାଣପତ୍ର ସହିତ ଯାଞ୍ଚ କଲାପରେ ଏକ ଯୋଗ୍ୟ ଆବେଦନକାରିଣୀଙ୍କ ତାଲିକା ସମ୍ପୃକ୍ତ ଅଙ୍ଗନବାଡି କେନ୍ଦ୍ର / ସମ୍ପୃକ୍ତ ଗ୍ରାମ ପଞ୍ଚାୟତ / ପଞ୍ଚାୟତ ସମିତି / କାର୍ଯ୍ୟାଳୟର ନୋଟିସ ବୋର୍ଡରେ ଜନସାଧାରଣଙ୍କ ଅବଗତି ନିମନ୍ତେ ତା. ୧୯ .୦୮.୨୦୨୬ ରିଖ ଦିନ ଏକ ଚିଠା ପ୍ରକାଶନ କରାଯିବ । ଉକ୍ତ ଯୋଗ୍ୟ ତାଲିକା ସମ୍ବନ୍ଧରେ କୌଣସି ଆପତ୍ତି / ଅଭିଯୋଗ ଥିଲେ ସେ ସମ୍ବନ୍ଧ ତାରିଖ ୨୦ .୦୮ .୨୦୨୬ ଠାରୁ ତାରିଖ ୨୬ .୦୮ ୨୦୨୬ ମଧ୍ୟରେ ଆପତ୍ତି / ଅଭିଯୋଗ onlinewebsite ମାଧ୍ୟମରେ ଦାଖଲ କରିବେ ।

(୧୪ ) ଅସମ୍ପୂର୍ଣ୍ଣ / ଅପ୍ରାସଙ୍ଗିକ ତଥ୍ୟ ଥିବା ଦରଖାସ୍ତ ନାକଚ କରାଯିବ ।

ବି.ଦ୍ର:- ଅଧିକ ବିବରଣୀ ପାଇଁ କିମ୍ବା ସେବା (ସର୍ଭେ) ପରିସର ଅଞ୍ଚଳ ଜାଣିବା ପାଇଁ ଚାହୁଁଥିବା ପ୍ରାର୍ଥିନୀ ବର୍ତ୍ତମାନ କାର୍ଯ୍ୟ କରୁଥିବା ଅଙ୍ଗନବାଡି କେନ୍ଦ୍ରର କର୍ମୀ ଙ୍କ ସହିତ ଯୋଗାଯୋଗ କରି ପାରିବେ ।

୦୯.୦୮.୨୬

ଶିଶୁବିକାଶ ପ୍ରକଳ୍ପ ଅଧିକାରୀ
Child Dev. Project Officer
ବରଗଡ଼ (ଗ୍ରାମାଞ୍ଚଳ)
Bargarh (Rural)

ପରିପତ୍ର ସଂଖ୍ୟା: ୫୩୦ / ତାରିଖ: ୦୧/୦୮/୨୦୨୫

ଏହାର ତିନିକିତା/ଚାରିକିତା ନକଲ ଗ୍ରାମ ବାସୀଙ୍କ ଅବଗତି ଓ ବହୁଳ ପ୍ରସାର ନିମନ୍ତେ ଅଧିସୂଚନା ଜାରି କରାଗଲା ଏବଂ ଗ୍ରାମ ପଂଚାୟତ କାର୍ଯ୍ୟାଳୟରନୋଟିସ ବୋର୍ଡ ରେ ସର୍ବ ସାଧାରଣଙ୍କ ଅବଗତି ନିମନ୍ତେ ଅଧିସୂଚନା ଜାରି କରାଗଲା।

ଆ.ରା.ଦି
ତା: ୦୧.୦୮.୨୫
ଶିଶୁବିକାଶ ପ୍ରକଳ୍ପ ଅଧିକାରୀ
ବରଗଡ଼ (ଗ୍ରାମାଞ୍ଚଳ)

ପରିପତ୍ର ସଂଖ୍ୟା ୫୩୧ / ତାରିଖ: ୦୧/୦୮/୨୦୨୫

ଏହାର ଏକକିତା ନକଲ କାର୍ଯ୍ୟାଳୟର ନୋଟିସ ବୋର୍ଡ/ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ବରଗଡ଼ଙ୍କ କାର୍ଯ୍ୟାଳୟର ନୋଟିସ ବୋର୍ଡ/ଗୋଷ୍ଠୀ ଶିକ୍ଷା ଅଧିକାରୀ, ବରଗଡ଼ଙ୍କ କାର୍ଯ୍ୟାଳୟର ନୋଟିସ ବୋର୍ଡ/ ସମ୍ପୃକ୍ତ ଗ୍ରାମର ସ୍ବାସ୍ଥ୍ୟ କର୍ମୀ ଓ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଅଧିସୂଚନା ଜାରି କରାଗଲା।

ଆ.ରା.ଦି
ତା: ୦୧.୦୮.୨୫
ଶିଶୁବିକାଶ ପ୍ରକଳ୍ପ ଅଧିକାରୀ
ବରଗଡ଼ (ଗ୍ରାମାଞ୍ଚଳ)
Child Dev. Project Officer
Bargarh (Rural)